


ଲେଖକ Edward Hughes
ଦୃଷ୍ଟାନ୍ତ Janie Forest
ଅନୁବାଦକ Prasanta Bhuyan
ଉପ୍ଯୋଜକ Lyn Doerksen

**କାହାଣି ୬୦ ରୁ ୫୪**

**M1914.org**

**Bible for Children, PO Box 3, Winnipeg MB  R3C 2G1  Canada**

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



















ଶୀଘ୍ର ଯୀଶୁଖ୍ରୀଷ୍ଟ ଆପଣା ଶିଶ୍ୟମାନଙ୍କୁ ସାକ୍ଷାତ କରି ଆପଣାତ କଣ୍ଟାବିନ୍ଧା ହସ୍ତ ଦେଖାଇଲେ । ଏହା ସତ୍ୟ ଥିଲା ଯେ ଯୀଶୁଖ୍ରୀଷ୍ଟ ପୁନର୍ବାର ଜୀବିତ ଅଟନ୍ତି । ସେ ପିତରଙ୍କୁ କ୍ଷମା ଦେଲେ ଓ ଆପଣାର ବିଷୟ ସମସ୍ତଙ୍କୁ କହିବା ନିମନ୍ତେ ଶିଷ୍ୟମାନଙ୍କୁ କହିଲେ । ଯୀଶୁଖ୍ରୀଷ୍ଟ ଯେଉଁଠାରୁ ସେହି ଖ୍ରୀଷ୍ଟମାସ ଦିନରେ ଆସିଥିଲେ ପୁନର୍ବାର ସେ ସେହି ସ୍ଥାନକୁ ଫେରିଗଲେ ।



ପ୍ରଥମ ପୁନରଥାନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୨୬-୨୮, ଲୁକ ୨୨-୨୪, ଯୋହନ ୧୩-୨୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

ଓଡ଼ିଆ — Oriya



ନୁହେଁ, ଈଶ୍ୱର ବିଫଳ ହୋଇନାହାନ୍ତି । ଯୀଶୁଖ୍ରୀଷ୍ଟ କୌଣସି ପ୍ରକାର ଭାବରେ ଭୁଲ କରିନଥିଲେ । ଯୀଶୁଖ୍ରୀଷ୍ଟ ସବୁବେଳେ ଜାଣିଥିଲେ ଯେ ସେ ଦୁଷ୍ଟ ମାନଙ୍କ ଦ୍ୱାରା ମୃତ୍ୟୁର ସମ୍ମୁଖିନ ହେବେ । ଏପରି କି ଯେତେବେଳେ ଯୀଶୁଖ୍ରୀଷ୍ଟ ଛୋଟଥିଲେ, ସିମିୟନ୍ ନାମକ ଏକ ବୃଦ୍ଧ ବ୍ୟକ୍ତି ଏହି ବିଷୟକୁ ନେଇ ମରିୟମଙ୍କୁ କହିଥିଲେ ।

3



ଯୀଶୁଙ୍କ ମରଣର କଛିଦିନ ଆଗରୁ, ଜଣେ ସ୍ତ୍ରୀଲୋକ ଏକ ପାତ୍ରରେ ବହୁମୂଲ୍ୟ ସୁଗନ୍ଧି ତୈଳ ଘେନି ଯୀଶୁଙ୍କ ନିକଟକୁ ଆସି ତାହାଙ୍କ ପାଦରେ ଢ଼ାଳିଲା । କିନ୍ତୁ ତାହା ଦେଖି ଶିଶ୍ୟମାନେ ଅଭିଯୋଗ କରି କହିଲେ ସେ ନିଜ ସମ୍ପତ୍ତି ଅପବ୍ୟୟ କରିଅଛି ସେଥିରେ ଯୀଶୁଖ୍ରୀଷ୍ଟ କହିଲେ ସେ ମୋ ପ୍ରତି ଉତ୍ତମ କାର୍ଯ କରିଅଛି । ସେ ମୋହର ସମାଧି ନିମନ୍ତେ ଏହା କରିଅଛି । କି ଅଷ୍ଚର୍ଯ୍ୟ କଥା !

4

ଏହାପରେ, ବାରଜଣ ଶିଶ୍ୟମାନଙ୍କ ମଧ୍ୟରୁ ଯିହୁଦା ନାମକ ଜଣେ ଶିଶ୍ୟ ତିରିଶ ଗୋଟି ରୈପ୍ୟମୁଦ୍ରା ନିମନ୍ତେ ଯୀଶୁଙ୍କୁ ଧରାଇବା ପାଇଁ ପ୍ରଧାନ ଯାଜକଙ୍କ ନିକଟରେ ସମ୍ମତ ହେଲେ ।



5



ଯିହୁଦି ମାନଙ୍କ ନିସ୍ତାର ପର୍ବରେ ଯୀଶୁ ଆପଣା ଶିଶ୍ୟମାନଙ୍କ ସହିତ ଶେଷ ଭୋଜନ କଲେ । ଯୀଶୁ ସେମାନଙ୍କୁ ଈଶ୍ୱରଙ୍କ ବିଷୟ ଏବଂ ପ୍ରତିଜ୍ଞା, ଯାହା ଈଶ୍ୱର ଆପଣା ଭୟକାରି ମାନଙ୍କ ନିମନ୍ତେ କରିବାକୁ ଯାଉଛନ୍ତି ତାହା ଜଣାଇଲେ । ଯୀଶୁ ରୋଟି ଓ ଦ୍ରାକ୍ଷାରସ ଶିଶ୍ୟମାନଙ୍କୁ ଦେଇ କହିଲେ ନିଅ ଭୋଜନ ଏବଂ ପାନକର । ଏହିସମସ୍ତ ବିଷୟ ସେମାନଙ୍କ ସ୍ମରଣ କରାଇବା ନିମନ୍ତେ ଯେ ତାଙ୍କର ଶରୀର ଓ ରକ୍ତ ଅନେକଙ୍କ ପାପକ୍ଷମା ନିମନ୍ତେ ଦିଆ ଯାଇଅଛି ।

6

ଯୀଶୁ ଆପଣା ଶିଶ୍ୟମାନଙ୍କୁ କହିଲେ, ଆପଣାର ଜଣେ ବିଶ୍ୱାସଘାତ ହେବ ଓ ତୁମ୍ଭେମାନେ ମଧ୍ୟ ମତେ ପରିତ୍ୟାଗ କରିବ । ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ । ପିତର ଜିଦ୍‌କରି କହିଲେ । ଯୀଶୁ କହିଲେ ଏହି ରାତ୍ରି କୁକୁଡ଼ା ଡାକିବା ପୁର୍ବରୁ ତୁମ୍ଭେ ଆମ୍ଭକୁ ତିନିଥର ଅସ୍ବିକାର କରିବ ।



7



ସେହି ରାତ୍ରିରେ, ଯୀଶୁଖ୍ରୀଷ୍ଟ ଗେଥ୍‌ଶିମାନୀ ଉଦ୍ୟାନରେ ପ୍ରାର୍ଥନା କରିବାକୁ ଗଲେ । ଯୀଶୁଖ୍ରୀଷ୍ଟଙ୍କ ସହିତ ଯେଉଁ ଶିଶ୍ୟ ଥିଲେ ସମସ୍ତେ ନିଦ୍ରିତ ହୋଇପଡ଼ିଲେ । ଯୀଶୁଖ୍ରୀଷ୍ଟ ପ୍ରର୍ଥନା କରି କହିଲେ ହେ ମୋର ପିତା ଯଦି ହୋଇପାରେ, ତେବେ ଏହି ପାନପାତ୍ର ମୋଠାରୁ ଦୁର ହେଉ, ତଥାପି ମୋହର ଇଚ୍ଛା ନୁହେଁ ମାତ୍ର ତୁମ୍ଭର ହେଉ ।

8

ସେହିକ୍ଷଣି ଯିହୁଦା ସୈନ୍ୟମାନଙ୍କ ସହିତ ସେହି ଉଦ୍ୟାନକୁ ଆସିଲେ । କିନ୍ତୁ ସେ ସେମାନଙ୍କୁ ବାଧା ଦେଲେନାହିଁ । ପିତର ଖଣ୍ଡା ବାହର କରି ମହାଯାଜକଙ୍କ ଦାସକୁ ଆଘାତ କରି ତାହାର କାନ କାଟିପକାଇଲେ । ତତ୍ ପରେ ଯୀଶୁଖ୍ରୀଷ୍ଟ ଦାସର କାନକୁ ସ୍ୱର୍ଶକରି ସୁସ୍ଥକଲେ । ଶତ୍ରୁ ହସ୍ତରେ ସେ ଧରା ହେବା ଈଶ୍ୱରଙ୍କ ଯୋଜନାବୋଲି ଯୀଶୁଖ୍ରୀଷ୍ଟ ଜାଣିଥିଲେ ।



9

ଲୋକମାନେ ଯୀଶୁଙ୍କୁ ମହାଯାଜକଙ୍କ ନିକଟକୁ ଘେନିଗଲେ । ସେଠାରେ ଯିହୁଦିର ପ୍ରଧାନ ଯାଜକମାନେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ହେଉ ବୋଲି କହିଲେ । ସେହିସମୟରେ ପିତର ଦାସମାନଙ୍କର ଅଗ୍ନି ପାର୍ଶରେ ଛିଡ଼ାହୋଇ ଦେଖୁଥିଲେ ।



10

ତିନିଥର ପର୍ଯନ୍ତ ଲୋକମାନେ ପିତରଙ୍କୁ କହିଲେ ତୁମ୍ଭେ ଗାଲିଲୀୟ ତୁମ୍ଭେ ମଧ୍ୟ ଯୀଶୁଙ୍କ ସଂଙ୍ଗରେ ଥିଲ । କିନ୍ତୁ ତିନିଥର ପିତର ଏହାକୁ ଅସ୍ବିକାର କଲେ, ସେ ଅଭିଶାପ ଦେଇ ରାଣ ମଧ୍ୟ ପକାଇଲେ । ଯେପରି ଯୀଶୁଖ୍ରୀଷ୍ଟ ପିତରଙ୍କୁ କହିଥିଲେ ।



11



ସେହିକ୍ଷଣି କୁକୁଡ଼ା ଡାକିଲା । ପିତରଙ୍କୁ ଏହା ଏକ ପରମେଶ୍ୱରଙ୍କ ସ୍ୱର ପରି ଲାଗିଲା, ପୁଣି ପିତରଙ୍କର ମନରେ ପଡ଼ିଲା, ସେ ଯୀଶୁଙ୍କ କଥାକୁ ମନେ ପକାଇ ବ୍ୟାକୁଳ ହୋଇ ରୋଦନ କଲେ ।

12



ଯିହୁଦା ମଧ୍ୟ ଅତ୍ୟନ୍ତ ଦୁଃଖିତ ଥିଲେ । ସେ ଜାଣିଥିଲେ ଯେ ଯୀଶୁ ନିର୍ଦୋଷ ଓ ନିସ୍ପାପି ବ୍ୟକ୍ତିଥିଲେ । ଯିହୁଦା ସେହି ତିରିଶଗୋଟି ରୌପ୍ୟମୁଦ୍ରା ପ୍ରଧାନ ଯାଜକ ମାନଙ୍କ ନକଟକୁ ଘେନିଗଲେ କିନ୍ତୁ ସେମାନେ ତାହା ଗ୍ରହଣ କଲେ ନାହିଁ ।

13



ଯିହୁଦା ସେହି ରୌପ୍ୟମୁଦ୍ରା ଗୁଡ଼ାକ ମନ୍ଦିର ଭିତରେ ଫୋପାଡ଼ିଦେଇ ଚାଲିଗଲା, ପୁଣି ବାହାରକୁ ଯାଇ ଆପଣାକୁ ଫାଶୀ ଦେଲେ ।

14



ଇତିମଧ୍ୟରେ ଯାଜକମାନେ ଯୀଶୁଙ୍କୁ ରୋମିୟ ଶାସନ କର୍ତ୍ତା ପିଲାତଙ୍କ ନିକଟକୁ ଘେନିଗଲେ । ପିଲାତ କହିଲେ ଆମ୍ଭେ ଏହି ବ୍ୟକ୍ତିଙ୍କଠାରୁ କୌଣସି ଅପରାଧ ପାଇନାହୁଁ । ଲୋକମାନେ ଚିତ୍କାର କରି କହିଲେ ଯୀଶୁଙ୍କୁ କୃଶରେ ଚଢ଼ାଅ, କୃଶରେ ଚଢ଼ାଅ ।

15

ଶେଷରେ ପିଲାତ ଯୀଶୁଙ୍କୁ କୃଶରେ ହତ ହେବା ନିମନ୍ତେ ସମର୍ପଣ କଲେ । ସୈନ୍ୟମାନେ ଯୀଶୁଙ୍କୁ ଚାପୁଡ଼ା ମାରିଲେ, ମୁଁହରେ ଛେପ ପକାଇଲେ, ଓ କୋରଡ଼ା ପ୍ରହାର କଲେ । ସେମାନେ କଣ୍ଟାର ଗୋଟିଏ ମୁକୁଟ ତିଆରି କଲେ ଆଉ ତାଙ୍କ ମସ୍ତକରେ ପିନ୍ଧାଇଲେ । ତାହାପରେ ସେମାନେ ଯୀଶୁଙ୍କୁ କଣ୍ଟାର ମେଖ ଦେଇ କୃଶରେ ଚଢ଼ାଇଲେ ।



16

ଯୀଶୁ ଏହି ପ୍ରକାର ଭାବେ ମୃତୁବରଣ କରିବେ ତାହା ଆଗରୁ ଜାଣିଥିଲେ । ଏହାମଧ୍ୟ ସେ ଜାଣିଥିଲେ ଯେ ତାହାଙ୍କର ମୃତ୍ୟୁ ଅନେକଙ୍କ ନିମନ୍ତେ ଏବଂ ଯେଉଁମାନେ ତାହାଙ୍କୁ ନିର୍ଭର କରେ ସେ ସମସ୍ତଙ୍କର ପାପ କ୍ଷମା ହୋଇପାରିବ । ଦୁଇଜଣ ଡକାୟତ ଯୀଶୁଙ୍କ ଉଭୟ ପାର୍ଶରେ କୃଶରେ ଚଢ଼ାଗଲେ । ଜଣେ ଯେ ଯୀଶୁଙ୍କୁ ବିଶ୍ୱାସ କରି ଯୀଶୁଙ୍କ ସହିତ ପାରଦେଶକୁ ଗଲେ । ଆଉଜେଣେ ଯାଇପାରିଲେ ନାହିଁ ।



17

ଦୁଃଖ ଭୋଗର କିଛି ଘଣ୍ଟାପରେ । । ସମାପ୍ତ ହେଲା । । କହି ଯୀଶୁଖ୍ରୀଷ୍ଟ ପ୍ରାଣତ୍ୟାଗ କଲେ । ଆଉ ତାହାଙ୍କର କାର୍ଯ୍ୟ ସମାପ୍ତ ହେଲା । ତାହାଙ୍କର ବନ୍ଧୁମାନେ ଯୀଶୁଖ୍ରୀଷ୍ଟଙ୍କୁ ଏକ ସ୍ୱତନ୍ତ୍ର କବରରେ ସମାଧି ଦେଲେ ।



18